## ୯ ବର୍ଷ ପରେ ବଳାତ୍କାର ଅଭିଯୁକ୍ତ ଗିରଫ

ଆସିକା,ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗ୍ରାମରୁ ସୋମବାର ପୋଲିସ ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ୨୦୧୩ରେ ଅଭିଯୁକ୍ତଙ୍କ ବିରୋଧରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ.୬୫/୧୩ରେ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଜଣକ ଫେରାର ଥିବାରୁ ଅଦାଲତ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହିନ ଗିରଫ ପରୱାନା ଜାରି କରାଯାଇଥିଲା। ଏହି ପରୱାନା ବଳରେ ଦୀର୍ଘ ୯ ବର୍ଷ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

# ଜରୁରୀ ବିଭାଗରେ ବିଶେଷଜ୍ଞ ପଦବୀ ଖାଲି

**ଫୁଲବାଣୀ ଅଫିସ, ୨୮।୧୧**

**କନ୍ଧମାଳ ଜିଲା**

**■ସ୍ୱାସ୍ଥ୍ୟ ସେବାକୁ ଭଗବାନ ଭରସା**

ପଛୁଆ ଜିଲା ଭାବେ ପରିଚିତ କନ୍ଧମାଳ ଜିଲାରେ ସ୍ୱାସ୍ଥ୍ୟ ସେବାକୁ ଭଗବାନ ଭରସା । ଜିଲାରେ ଲୋକ ସଂଖ୍ୟା ଏବଂ ରୋଗୀଙ୍କ ଅନୁପାତରେ ଡାକ୍ତର ନାହାନ୍ତି। ଡାକ୍ତର ଅଭାବ ଯୋଗୁ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ବହୁ ଜରୁରୀ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଜିଲାବାସୀ ଭରସା କରିପାରୁ ନ ଥିବା ବେଳେ ରୋଗୀଙ୍କୁ କୁଆଡେ ନେବେ ତାହା ଜାଣି ପାରୁନାହାନ୍ତି। ଅକାଳରେ ଚାଲି ଯାଉଛି ଜୀବନ । ଏସବୁ ଦେଖିଲେ ଜିଲାରେ ଏବେ ବି ବିକାଶ ଅପହଞ୍ଚ ସେଥିରେ ଦ୍ୱିମତ ନାହିଁ । ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଦୈନିକ ବହୁ ରୋଗୀ ଆସୁଛନ୍ତି। ହେଲେ ଡାକ୍ତର ଅଭାବ ଯୋଗୁ ସେମାନେ ଚିକିତ୍ସା ସେବା ପାଇ ପାରୁନାହାନ୍ତି। ଥଣ୍ଡା, ଜ୍ୱର, କାଶ ଆଦି ସାମାନ୍ୟ ରୋଗରେ ଆକ୍ରାନ୍ତଙ୍କୁ ବ୍ରହ୍ମପୁର ରେଫର କରି ଦିଆଯାଉଛି । ବିଶେଷଜ୍ଞ ଡାକ୍ତର ନ ଥିବାରୁ କେହି ରିସ୍କ ନେବାକୁ ଚାହୁଁ ନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଏକ ରେଫରାଲ ହସ୍ପିଟାଲ ଭାବେ ଦୁର୍ନାମ ଅର୍ଜନ କରି ଚାଲିଛି । ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ(ଏସ୍‌ଡିଏଚ୍)ରେ ମୋଟ ୪୨ ଜଣ ବିଶେଷଜ୍ଞ ପଦବୀ ଥିବା ବେଳେ ମାତ୍ର ୧୬ ଜଣ ଅଛନ୍ତି। ବାଲିଗୁଡା ଏସ୍‌ଡିଏଚ୍‌ରେ ଜଣେ ବି ବିଶେଷଜ୍ଞ ନାହାନ୍ତି। ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଅଧୀନରେ ରହିଛି ୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୩୬ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଜିଲାରେ ଡାକ୍ତରଙ୍କ ପଦବୀ ୨୮୫ ଥିବା ବେଳେ ୨୧୯ ଜଣ ଅଛନ୍ତି। ୬୬ ପଦବୀ ଖାଲି ପଡ଼ିଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୦ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୧୬ ଜଣ । ୧୪ଟି ପଦବୀ ଖାଲି ରହିଛି। ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ୧୨ ବିଶେଷଜ୍ଞ ପଦବୀ ଥିବା ବେଳେ ଜଣେ ହେଲେ ବି ନାହାନ୍ତି। ଫଳରେ ଏହି ଚିକିତ୍ସାଳୟରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ।

ସୂଚନା ଅନୁସାରେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ୩ଟି ପଦବୀରୁ ଗୋଟିଏ ଖାଲିପଡିଛି । ସେହିପରି ଶିଶୁ ବିଶେଷଜ୍ଞ ୮ଟି ରୁ ୫, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ୫ ଟିରୁ ୩, ରେଡିଓଲୋଜି ୧ ପଦବୀ, ପାଥୋଲୋଜି ବିଶେଷଜ୍ଞ ଗୋଟିଏ ପଦବୀ, ୨ ନିଶ୍ଚେତକ ପଦବୀରୁ ଗୋଟିଏ ଖାଲି ପଡିଛି । ଚକ୍ଷୁ ରୋଗ ବିଶେଷଜ୍ଞ ଦୁଇଟି ପଦବୀ, ନାଶା, ଗଳା ଓ କର୍ଣ୍ଣ ବିଶେଷଜ୍ଞ ଗୋଟିଏ ପଦବୀ, ଚର୍ମ ରୋଗ ବିଶେଷଜ୍ଞ ଗୋଟିଏ ପଦବୀରୁ କେହି ହେଲେ ନାହାନ୍ତି। ସେହିପରି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭେଷଜ, ଅସ୍ତ୍ରୋପଚାର, ଅସ୍ଥିଶଲ୍ୟ, ପାଥୋଲୋଜି, ଚକ୍ଷୁ ବିଶେଷଜ୍ଞ ପଦବୀ ଆବଶ୍ୟକ ଥିବା ବେଳେ କେହି ମଧ ଜଣେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଶିଶୁ ବିଶେଷଜ୍ଞ ୩ଟି ପଦବୀ ଖାଲି ପଡିଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ଏବଂ ନିଶ୍ଚେତକ ବିଶେଷଜ୍ଞଙ୍କ ପଦବୀ ଖାଲି ପଡିଛି ।

ରାଜ୍ୟ ସରକାର ଜିଲାର ଦୁର୍ଗମ ଅଞ୍ଚଳରେ କାମ କରିବା ଲାଗି ଡାକ୍ତରମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ରଖିଛନ୍ତି। କିନ୍ତୁ ବହୁ ଡାକ୍ତର ମେଡିକାଲରେ ନ ରହି ଛୁଟି କାଟୁଥିବା ଦେଖିବାକୁ ମିଳୁଛି । ଡାକ୍ତର ଅଭାବ ସମସ୍ୟା ଯୋଗୁ ଜିଲାରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ଜିଲାବାସୀ ଦାବି କରୁଛନ୍ତି।

## ଓବିସି ବର୍ଗଭୁକ୍ତ ପାଇଁ ଏମ୍‌ପିଙ୍କ ଜରିଆରେ ଦାବିପତ୍ର

**ପୋଲସରା,୨୮।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ରାଜଶ୍ରୀ ବଳାସି ସମାଜ କେନ୍ଦ୍ରୀୟ କମିଟି ପ୍ରତିନିଧି ପକ୍ଷରୁ ଏକ ଦାବିପତ୍ର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ଆସିକା ଏମ୍‌ପି ପ୍ରମିଳା ବିଷୋୟୀଙ୍କୁ ଭେଟି ରାଜଶ୍ରୀ ବଳାସୀ ସମାଜକୁ ଓବିସି ବର୍ଗର ମାନ୍ୟତା ନେଇ ଲୋକସଭାରେ ଉପସ୍ଥାପନ କରି ଦାବି କରିବାକୁ ନିବେଦନ କରିଥିଲେ। ରାଜଶ୍ରୀ ବଳାସି ସମାଜ ପକ୍ଷରୁ ଏକ ପ୍ରତିନିଧି ଦଳ ଉଭୟ ଏମ୍‌ପିଙ୍କୁ ଭେଟି ଅନୁରୋଧ ପତ୍ର ଦେଇଥିଲେ। ପ୍ରତିନିଧି ଦଳରେ ସଭାପତି ମଙ୍ଗୁଲୁଧର ସାହୁ, ଉପସଭାପତି ଦୀନବନ୍ଧୁ ସାହୁ, ଯୁଗ୍ମ ସମ୍ପାଦକ ରତ୍ନାକର ସାହୁ, କେନ୍ଦ୍ରୀୟ ସଭ୍ୟ ଚନ୍ଦ୍ରଶେଖର ସାହୁ, ରଘୁନାଥ ପ୍ରଧାନ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଅନୁରୋଧ ପତ୍ର ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ବାଇବାଲିରେ ମେଗା ସ୍ୱାସ୍ଥ୍ୟମେଳା



ଭଞ୍ଜନଗର,୨୮।୧୧(ଡି.ଏନ୍.ଏ.)- ଭଞ୍ଜନଗର ବ୍ଲକ ବାଇବାଲିରେ ରବିବାର କିମ୍ସ ପକ୍ଷରୁ ସାଂସଦ ସାମନ୍ତ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷ ନରିସଭା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏମ୍‌ପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ପ୍ରମୋଦ କୁମାର ପ୍ରଧାନ, ଜଗଦୀଶ ପାଣିଗ୍ରାହୀ, ବ୍ଲକ ଅଧକ୍ଷ ପ୍ରତିନିଧି ଦିଲୀପ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟମେଳା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ରୋଗୀଙ୍କୁ ନେବା ଆଣିବାରେ ସାହାଯ୍ୟ କରିଥିଲେ। କିମ୍ସରୁ ଆସିଥିବା ମେଡିକାଲ ଟିମ ୨୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ସେମାନଙ୍କୁ ଔଷଧ ଯୋଗାଇ ଦିଆଯାଇଥିଲା। ସୂଚନାଯୋଗ୍ୟ, ଡ. ଅଚ୍ୟୁତ ସାମନ୍ତ ୨୦୧୯ରେ କନ୍ଧମାଳ ଏମ୍‌ପି ନିର୍ବାଚିତ ହେବାପରେ ତାଙ୍କ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୭ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରିବେ ବୋଲି କହିଥିଲେ।

## ଗଞ୍ଜାମ ଜିଲା ରେଡ୍ଡୀ ମହାଜନ ସଂଘ ବୈଠକ

ଦିଗପହଣ୍ଡି,୨୮।୧୧(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ମାଁ କୁରେଇଶୁଣୀ ମନ୍ଦିର ପରିସରରେ ଗଞ୍ଜାମ ରେଡ୍ଡୀ ମହାଜନ ସଂଘ ଚାରି ତାଲୁକା ରେଡ୍ଡୀ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାରି ତାଲୁକା ରେଡ୍ଡୀ ସମାଜ ସଭାପତି ଏମ.ନିରଞ୍ଜନ ରେଡ୍ଡୀ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ଏଲ.ଭାସ୍କର ରେଡ୍ଡୀ, କୋଷାଧକ୍ଷ ପ୍ରଶାନ୍ତ ରେଡ୍ଡୀ, ସହ ସମ୍ପାଦକ ଏ.ମାଧବ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରେଡ୍ଡୀ ସମାଜର ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ ହୋଇଥିଲା। ବୈଠକରେ ଏମ୍. ଦେବେନ୍ଦ୍ର ରେଡ୍ଡୀ, ଏସ. ସୀମାଞ୍ଚଳ ରେଡ୍ଡୀ, ଏମ୍. ଗୋପାଳ ରେଡ୍ଡୀ, ଏମ୍. ତ୍ରିନାଥ ରେଡ୍ଡୀ, ଏସ୍. ପଦ୍ମଚରଣ ରେଡ୍ଡୀ, ନାରାୟଣ ରେଡ୍ଡୀ, ଶକ୍ତି ରେଡ୍ଡୀଙ୍କ ସମେତ ସମସ୍ତ ଗ୍ରାମର ରେଡ୍ଡୀ ସମାଜର ସଭାପତି ଓ କର୍ମକର୍ତ୍ତାମାନେ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଏସ୍‌ଡିସି ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ପାରଳାଖେମୁଣ୍ଡି,୨୮।୧୧(ଡି.ଏନ.ଏ.)- ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟଠାରେ ଏସଡିସି ଅଧକ୍ଷା ମରିୟମ ରଇତ ଓ ଉପାଧକ୍ଷ ଧନେଶର ଭୂୟାଁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନେତା ତଥା ହାଇଟେକ ଅଧକ୍ଷ ଡ.ତିରୁପତି ପାଣିଗ୍ରାହୀ, ଗଜପତି ଜିଲାପରିଷଦ ଅଧକ୍ଷ ଗବରା ତିରୁପତି ରାଓ, ବିଜେଡି ରଜ୍ୟ ସମ୍ପାଦକ ମାରୁତ୍ ପାଲ, ଜିଲା ସଭାପତି ପ୍ରଦୀପ ନାୟକ, ସମସ୍ତ ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧକ୍ଷ ଓ ଉପାଧକ୍ଷ, ଏବଂ ଜିଲା ବିଜୁ ପରିବାର ପକ୍ଷରୁ ଉଭୟଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଯାଇଛି।

## ମହୁରୀ କାଳୁଆ ପୀଠରେ ସରପଞ୍ଚ ସଂଘ ବୈଠକ

କୁକୁଡ଼ାଖଣ୍ଡି,୨୮।୧୧-ପ୍ରସିଦ୍ଧ ଶକ୍ତିପୀଠ ତଥା ପର୍ଯ୍ୟଟନ ସ୍ଥଳୀ ମା’ ମହୁରୀ କାଳୁଆଙ୍କ ପୀଠରେ କୁକୁଡାଖଣ୍ଡି ବ୍ଲକ ସରପଞ୍ଚ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବୈଶିଷ୍ଟ୍ୟ କୁମାର ଜେନା ସଭାପତିତ୍ୱ କରିଥିଲେ। ବୈଠକରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦେଉଥିବା ଅନୁଦାନ ଉପରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଧାୟକ ପ୍ରତିନିଧି ଉଦୟ କୁମାର ବେହେରା, ଏମ୍‌ପି ପ୍ରତିନିଧି ନିରଞ୍ଜନ ମହାନ୍ତି, ସରପଞ୍ଚ ବଶିଷ୍ଠ ଜେନା, କ୍ରାନ୍ତିକୁମାରୀ ଦେବୀ, ରାଧାମୋହନ ସେଠୀ, ଚନ୍ଦ୍ରଶେଖର ନାୟକ, ଅନିଲ ଗୌଡ଼, ମାମି ସାମଲ, କାମେଶ୍ୱର ବିଶ୍ୱାଳ, ସଞ୍ଜୟ ସାହୁ, ଚିତ୍ତରଞ୍ଜନ ବିଶୋଇ, ଜିତେନ୍ଦ୍ର ସେଠୀ, କେ. ବୁଲୁ, ସସ୍ମିତା ସାହୁ, ସୁଦକ୍ଷ୍ଣା ସାହୁ, ଲକ୍ଷ୍ମୀ ମହାକୁଡ଼, କୁନି ପାତ୍ର, ପୂର୍ଣ୍ଣବାସୀ ବିଶ୍ୱାଳ, କାମିନୀ ନାୟକ, ଭିନ୍ନକ୍ଷମ ନେତା କେ. ମଣିବାବୁଙ୍କ ସମେତ ସରପଞ୍ଚ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳା

**ହିଞ୍ଜିଳିକାଟୁ ୨୮।୧୧( ଡି.ଏନ.ଏ.)**




ଜିଲାପାଳ ଓ ଅନ୍ୟ ମାନେ ଋଣ ମେଳାରେ ଉପସ୍ଥିତ ଅଛନ୍ତି।

ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ ନିମନ୍ତେ ହିଞ୍ଜିଳିକାଟୁ ବ୍ଲକର ୪୭୮ ମହିଳା ସ୍ୱୟଂ ଗୋଷ୍ଠୀଙ୍କୁ ୧୮ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏଥିପାଇଁ ସୋମବାର ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ମେଗା ଋଣ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ ଓ ପୌରାଞ୍ଚଳର ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ମହିଳାଙ୍କ ସମାଗମ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଜିଲା ପରିଷଦ ସିଡିଓ ଭି କିର୍ତ୍ତୀଭାସନ, ମୁଖ୍ୟମନ୍ତ୍ରୀଙ୍କ ଜିଲା ପରିଷଦ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷି ବିପଣନ ବୋର୍ଡ଼ର ପରାମର୍ଶଦାତା ସୁରେନ୍ଦ୍ର ନାଥ ପ୍ରଧାନ, ଜିଲା ଯୋଜନା ବୋର୍ଡ଼ କମିଟି ମେମ୍ବର ଏନ. ରଘୁନାଥ, ଓଡଶା ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ କର୍ପୋରେଶନ ଅଧକ୍ଷ ଡି. ବିଶ୍ୱନାଥ, ଗଞ୍ଜାମ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟର ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ହିଞ୍ଜିଳିକାଟୁ ପୌରପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧକ୍ଷା ସୁଚିତ୍ରା ପଣ୍ଡା, ବ୍ଲକ ଅଧକ୍ଷ ସରସ୍ୱତୀ ସେଠୀ, ଉପାଧକ୍ଷ ସୁନୀଲ କୁମାର ଗନ୍ତାୟତ, ଜିଲା ପରିଷଦ ସଭ୍ୟା ବି ଗିତାଞ୍ଜଳି, ଏ ସୁଦର୍ଶନ, ପ୍ରୀତି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳାମାନଙ୍କ ଆର୍ଥିକ ବିକାଶ ଘଟିଲେ ସାମାଜିକ ସ୍ତରରେ ସୁଦୃଢ଼ ହେବେ ବୋଲି ଜିଲାପାଳ କହିବା ସହ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଉପରେ କାର୍ଯ୍ୟକ୍ରମ ଉପରେ ମତ ରଖିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ମହିଳାଙ୍କୁ ଉଦବୋଧନ ଭିଡିଓ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନା ସଂଯୋଜନା କରିଥିଲେ। ପୂର୍ବତନ ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ମହମ୍ମଦ ସରିବ ମଞ୍ଚ ପରିଚାଳନା କରିଥିଲେ। ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳିକାଟୁ ସିଡିପିଓ ଗାଙ୍ଗି ସୁବୁଦ୍ଧି, ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ହିଂସା ବିରୋଧରେ ଦସ୍ତଖତ ଅଭିଯାନ



ଦସ୍ତଖତ ଅଭିଯାନ ଚାଲିଛି।

**ପାରଳାଖେମୁଣ୍ଡି,୨୮।୧୧(ଡି.ଏନ୍.ଏ.)**

ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ବିରୋଧୀ ପକ୍ଷ ପାଳନ ଅବସରରେ ପାରଳାଖେମୁଣ୍ଡିସ୍ଥିତ ମୁଖ୍ୟ ଚିକିତ୍ସାଳୟର ସଖୀ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ରେଲୱେ ଷ୍ଟେଶନଠାରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ପ୍ରଶାସିକା ଭାଗ୍ୟଲକ୍ଷ୍ମୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରଳା ବିଧାୟକ କେ. ନାରାୟଣ ରାଓ ମୁଖ୍ୟ ଅତିଥି, ଚାଇଲ୍ଡଲାଇନର ସଂଯୋଜକ ନାଗେଶ୍ୱର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ସାମାଜିକ ସ୍ଥିତିରେ ମହିଳା ଓ ବାଳିକାମାନେ ସାମ୍ନା କରୁଥିବା ବିଭିନ୍ନ ନିର୍ଯାତନାକୁ ସଖୀ ୱାନ୍ ଷ୍ଟପ୍ କେନ୍ଦ୍ରରେ ସମାଧାନ ପାଇଁ ଥିବା ସେବା ସମ୍ପର୍କରେ ପ୍ରଶାସିକା ନାୟକ ଆଲୋଚନା କରିଥିଲେ।

# ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଆର.ଉଦୟଗିରି/ରାମଗିରି,୨୮।୧୧(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ କଲ୍ୟାଣ ମଣ୍ଡପଠାରେ ଉତ୍କଳ ଯାଦବ ମହାସଭାର ନିର୍ଦ୍ଦେଶକ୍ରମେ ଗଜପତି ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜ ତରଫରୁ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆର.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସେଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଶୁଭାରମ୍ଭ କରିଥିଲେ। ଏଥିରେ ଉତ୍କଳ ଯାଦବ ମହାସଭାର ଓଡ଼ିଶା ପ୍ରଭାରୀ କିର୍ତ୍ତନ ନାୟକ ଯାଦବ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ଓ ଆମ ରାଜ୍ୟରେ ୮୦ ଲକ୍ଷ ଯାଦବ ଥିବା ସୂଚାଇଥିଲେ। ସରକାର ଜାତିଭିତ୍ତିକ ଜନଗଣନା କରିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ବେଳେ ଉତ୍କଳ ଯାଦବ ସଂଗଠନ ତାର ନିଜସ୍ୱ ପ୍ରଚେଷ୍ଟାରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସେଲ କହିଥିଲେ ଆଜିକାଲି ଯୁଗରେ ଆଗକୁ ବଢ଼ିବାକୁ ହେଲେ ଶିକ୍ଷା ହିଁ ହେଉଛି ଏକମାତ୍ର ବିକଳ୍ପ। ଉତ୍କଳ ଯାଦବ ମହାସଭାର ଗଜପତି ଜିଲା ସଭାପତି ହୃଷିକେଶ ଗୌଡ଼ ତାଙ୍କ ବକ୍ତବ୍ୟରେ କହିଥିଲେ ଦେଶରେ ୧୮୨୩ରେ ଯାଦବ ସଂଗଠନ ଆରମ୍ଭ ହୋଇଥିଲା। ଏହା ୧୯୨୩ ଏହାର ୧୦୦ ବର୍ଷ ପୂରଣ ହୋଇଥିଲା। ଏହି ଅବସରରେ ସର୍ବଭାରତୀୟ ସ୍ତରରେ ଯାଦବ ରେଜିମେଣ୍ଟ ଗଠନ କରି ସୌନ୍ୟବାହିନୀରେ ସାମିଲ କରିବା ପାଇଁ କହିଥିଲେ। ଗଜପତି ଜିଲା ଗୋପାଳ ସମାଜର ସଭାପତି ଖଦାଳ ଗୌଡ଼ ମଞ୍ଚାସୀନ ଥିବା ବେଳେ ଜିଲା ଯାଦବ କମିଟି ତରଫରୁ କୁଲୁଣ୍ଡା ଗ୍ରାମର ତାରିଣୀ ଗୌଡ଼ଙ୍କୁ ଯୁବମୋର୍ଚ୍ଚାର ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ରାମଗିରି ଗ୍ରାମର ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ପ୍ରିୟଦର୍ଶିନୀ ଗୌଡ଼ଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ ଜିଲାର ସହସ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିବା ବେଳେ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ପରିଚାଳନା କରିଥିଲେ। ଶେଷରେ ପୂର୍ବତନ ହିନ୍ଦୀ ଶିକ୍ଷକ ନରସିଂହ ଗୌଡ଼ ଧନ୍ୟବା ଦେଇଥିଲେ।

## ମାମି ପଣ୍ଡା ଏମପିସିଏସ ଉପସଭାପତି

**ଆସିକା,୨୮।୧୧(ଡି.ଏନ.ଏ.)**

ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି (ଏମପିସିଏସ)ର ପରିଚାଳନା ପରିଷଦ ଉପସଭାପତି ରୂପେ ଏହି ସମିତିର ୧୫ନମ୍ବର ଜୋନର ଡାଇରେକ୍ଟର ମାମି ପଣ୍ଡା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି। ସୋମବାର ଉପସଭାପତି ନିର୍ବାଚନ ଲାଗି ନାମାଙ୍କନ ଦାଖଲର ସମୟସୀମା ମଧ୍ୟରେ ମାମି ଏକମାତ୍ର ନାମାଙ୍କନ ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ଏନ. ବିଶ୍ୱପ୍ରସାଦ ତାଙ୍କୁ ନିର୍ବାଚିତ ଘୋଷଣା କରିଥିଲେ । ପୂର୍ବରୁ ଏହି ସମିତିର ସଭାପତି ରୂପେ କାର୍ତ୍ତିକେଶ୍ୱର ପରିଡା ଅପ୍ରତିଦ୍ୱନ୍ଦ୍ୱୀ ବିଜୟୀ ହୋଇଥିଲେ । ଉପସଭାପତି ପଣ୍ଡାଙ୍କ ବିଜୟରେ ସମିତିର ସଭପତି କାର୍ତ୍ତିକେଶ୍ୱର ପରିଡା, ଚିନିଶିଳ୍ପ ସଭାପତି ରବିନ୍ଦ୍ର ପଣ୍ଡା, ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ମଙ୍ଗୁଲୁଧର ସାହୁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବ ନେତା ଶିବ ନାହାକ, ଭଗବାନ ସାହୁ, ମନୋଜ କୁମାର ଦୋରା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

## ଦାୟିତ୍ୱ ପ୍ରତି ସଚେତନ ହେଲେ ଅନୁଷ୍ଠାନର ମର୍ଯ୍ୟାଦା ରହିବ

**ଜି.ଉଦୟଗିରି,୨୭।୧୧(ଡି.ଏନ୍.ଏ.)**

ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ସୋମବାର ପ୍ରତିଷ୍ଠା ସମୟରେ ଯେଉଁ ଅଧ୍ୟାପିକା ଓ ଅଧ୍ୟାପକ ଥିଲେ ସେମାନେ ଏକାଠି ହୋଇ ଏକ ବୈଠକ କରିଥିଲେ। ନିଜେ ନିଜର ଦାୟିତ୍ୱ ପ୍ରତି ସଚେତନ ହେଲେ ଅନୁଷ୍ଠାନର ମର୍ଯ୍ୟାଦା ବଜାୟ ରହିପାରିବ ବୋଲି ମତପ୍ରକାଶ ପାଇଥିଲା। ୧୯୮୦ରେ ପ୍ରତିଷ୍ଠା ହୋଇଥିବା କଳିଙ୍ଗ ମହାବିଦ୍ୟାଳୟ କେବଳ ୧୬ ଛାତ୍ରୀଛାତ୍ର ଓ ୬ ଅଧ୍ୟାପକ ଏବଂ ମାତ୍ର ୩ ଖଣ୍ଡ ଚୌକିରେ ଆରମ୍ଭ ହୋଇଥିଲା। ଏବେ ୧୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। କିନ୍ତୁ ସେ ସମୟରେ ଅଧ୍ୟୟନ ଢାଞ୍ଚାରେ ପରିବର୍ତ୍ତନ ଆସିଛି। ଅନ୍ୟପକ୍ଷରେ ଅଧ୍ୟାପକଙ୍କୁ ସରକାର ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରୁଥିବାରୁ ଶିକ୍ଷାର ମାନ ହ୍ରାସ ପାଉଛି। ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟାପକ ଗୌରୀଶଙ୍କର ହୋତା, ଶଙ୍କର ପ୍ରସାଦ ବକ୍ସି, ଅଜୟ କୁମାର ମିଶ୍ର, ଗୌରାଙ୍ଗ ଚରଣ ନାୟକ, ସରୋଜ କୁମାର ପରିଡା, ରବୀନ୍ଦ୍ର କୁମାର ମହାପାତ୍ର, ଲଡୁକିଶୋର ରଥ, ଉପେନ୍ଦ୍ର ନାଥ ପାଠୀ, ଆଦିତ୍ୟ ପାତ୍ର, ତ୍ରିନାଥ ସାହୁ ଓ ଧନୁର୍ଜୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଦିଲୀପ କୁମାର ମହାପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପିକା ସୁପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଡ୍ରାଇଭର ମହାସଂଘ ବୈଠକ



ବୈଠକରେ ଉପସ୍ଥିତ ଓଡ଼ିଶା ଡ୍ରାଇଭର ମହାସଂଘ କର୍ମକର୍ତ୍ତା।

**ଜି.ଉଦୟଗିରି,୨୮।୧୧(ଡି.ଏନ.ଏ.)**

ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଜି.ଉଦୟଗିରି ଶ୍ରୀରାମପଦା ବସ୍‌ଷ୍ଟାଣ୍ଡଠାରେ ରବିବାର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭରମାନେ ସ୍ଥାନୀୟ ଡୁଗୁଡ଼ିଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଗାନ୍ଧୀଛକ ନିକଟରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସଂଘ ତରଫରୁ ବୈଠକ ଆୟୋଜନ ହୋଇଥିଲା। ସ୍ଥାନୀୟ ଡ୍ରାଇଭର ସଂଘ ସଭାପତି ଈଶାକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧୨ଟି ବ୍ଲକରୁ ଆସିଥିବା ସଂଘ କର୍ମକର୍ତ୍ତାଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କନ୍ଧମାଳ ଜିଲା ଡ୍ରାଇଭର ମହସଂଘର ସଭାପତି ମାନସ ସାମଲ, ସମ୍ପାଦକ ବଳରାମ ନାୟକ, ଉପଦେଷ୍ଟା ମିଳନ ନାୟକ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ସଭାପତି ଈଶାକ୍ ନାୟକ, ସଂଯୋଜକ ରିଙ୍କିରାଜ୍ ପ୍ରଧାନ, ଉପଦେଷ୍ଟା ଦ୍ୱିଜେନ୍ଦ୍ର ନାଥ ପ୍ରଧାନ ଉପସ୍ଥିତ ରହି ବୈଠକ ପରିଚାଳନା କରିଥିଲେ। ସ୍ଥାନୀୟ ବ୍ଲକର ସମସ୍ତ ଡ୍ରାଇଭର ମହାସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଟିକାବାଲି ସହରରେ ଆଦର୍ଶ ମଶାଣି ଦାବି

**ଫୁଲବାଣୀ ଅଫିସ/ଟିକାବାଲି, ୨୮।୧୧**

ଟିକାବାଲି ସହର ଦିନକୁ ଦିନ ବଢିବାରେ ଲାଗିଛ। ଜନସଂଖ୍ୟା ମଧ ଦ୍ୱିଗୁଣିତ ହେଇଛି। ବହୁ ଆଗରୁ ସହର ନିକଟ ନଦୀ କୁଳରେ ଥିବା ଅସ୍ଥାୟୀ ମଶାଣି ଏ ପର୍ଯ୍ୟନ୍ତ ଚାଲିଛି। ମଶାଣିରେ ବର୍ଷାଦିନେ ସଂସ୍କାର ପାଇଁ ଜାଗା ଅଭାବ ହେଉଛି। ସେଠାକୁ ଯିବାକୁ ମଧ ବହୁତ ଅସୁବିଧା ହେଉଛି। ଅସ୍ଥାୟୀ ମଶାଣିକୁ କୌଣସି ଗାଡିରେ ମୃତଦେହ ଯାଇପାରୁ ନାହିଁ। ଜନସଂଖ୍ୟା ଓ ସମସ୍ତ ସୁବିଧାକୁ ଲକ୍ଷ୍ୟ କରି ଟିକାବାଲି ସହର ପାଇଁ ଏକ ସ୍ଥାୟୀ ଆଦର୍ଶ ମଶାଣି ସହିତ ରାସ୍ତା, ସେଠାକୁ ବିଦ୍ୟୁତ ସଂଯୋଗ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଦର୍ଶ ମଶାଣି ନିର୍ମାଣ ପାଇଁ ପ୍ରୟାସ କରାଯିବ ବୋଲି ବିଡ଼ିଓ ଏବଂ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

# ନାକ୍ ଟିମ୍ ପାଇଁ କେଏସ୍‌ୟୁବି କଲେଜରେ ପ୍ରସ୍ତୁତି

## ଅଧିକ ୧ ଘଣ୍ଟା ପଢ଼ିବେ ଗରିବ ଛାତ୍ରୀଛାତ୍ର

**ଭଞ୍ଜନଗର,୨୮।୧୧(ଡି.ଏନ.ଏ)**



ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) କଲେଜ ଷ୍ଟାଫ କାଉନସିଲ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ ଦାୟିତ୍ୱ ନେଇଥିବା କର୍ମକର୍ତ୍ତା ଏବଂ ନୂତନ ଅଧ୍ୟାପିକା ଅଧ୍ୟାପକଙ୍କୁ ସ୍ୱାଗତ କରାଯାଇଥିଲା। ଗୁଣାତ୍ମକ ଶିକ୍ଷାର ବିକାଶ ହେଲେ ଛାତ୍ରୀଛାତ୍ରଙ୍କ ବିକାଶ ହୋଇପାରିବ। ତେଣୁ ସମସ୍ତେ ମିଳିମିଶି ଏଥିପାଇଁ ପଦକ୍ଷେପ ନେବା। ନାକ୍ ଟିମ୍ ଆଣିବା ପାଇଁ ପଦକ୍ଷେପ ନିଆଯିବ। ଡିସେମ୍ବର ଓ ଜାନୁୟାରୀରେ ନାକ୍ ଟିମ୍ ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି କରାଯିବ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନେକ ଗରିବ ଛାତ୍ରୀଛାତ୍ର ଟ୍ୟୁଶନରୁ ବଞ୍ଚିତ ହେଉଛନ୍ତି । ଏଭଳି ଗରିବ ପିଲାଙ୍କୁ ଚିହ୍ନଟ କରି ସେମାନଙ୍କୁ ଦୈନନ୍ଦିନ ଏକ ଘଣ୍ଟା ମାଗଣା ପାଠ ନିଜ ବିଷୟ ଫିଜିକ୍ସ, ଆଇଟି, ଇଲୋକ୍ଟ୍ରୋନିକ୍ସ ପଢ଼ାଇବେ ବୋଲି ଅଧକ୍ଷ ରାଜେନ୍ଦ୍ର ଦାସ ବୈଠକରେ ଘୋଷଣା କରିଥିଲେ । ଏଥିସହ ଅନ୍ୟ ବିଭାଗର ଅଧ୍ୟାପିକା, ଅଧ୍ୟାପକଙ୍କୁ ମଧ ମାଗଣା ପାଠ ପଢ଼ାଇବା ପାଇଁ ଅନୁରୋଧ କରିଥିଲେ। ଅଧକ୍ଷଙ୍କ ଉକ୍ତ ପ୍ରସ୍ତାବକୁ ଆଉ କିଛି ବିଭାଗର ଅଧ୍ୟାପକମାନେ ମଧ ସମର୍ଥନ ଜଣାଇବା ସହ ଆଗାମୀ ଦିନରେ ଅଧକ୍ଷଙ୍କ ସହ ମିଶି ଗରିବ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ନାମଲେଖା ପ୍ରକ୍ରିୟା ସରିବା ପରେ ଦୈନନ୍ଦିନ ଅପରାହ୍ନ ୪ଟାରୁ ୫ଟା ଏକ ଘଣ୍ଟା ପାଠ ପଢ଼ାଇବା ପାଇଁ ଅଧକ୍ଷ ନିଷ୍ପତ୍ତି ନେଇଥିଲେ । ବୈଠକରେ ଅଧକ୍ଷ ଦାସ ଅଧକ୍ଷତା କରିଥିଲେ । ଷ୍ଟାଫ୍ କାଉନସିଲ ସହ ସମ୍ପାଦକ ଅଧ୍ୟାପକ ହରମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକୀ ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଆଗକୁ ଆମେ ଅନୁଷ୍ଠାନର ବିକାଶ ପାଇଁ ଅଧିକ କିଭଳି କିଛି କରହେବ ତାହା ଉପରେ କହିଥିଲେ । ଷ୍ଟାଫ୍ କାଉନସିଲ ସମ୍ପାଦିକା ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ଶୈକ୍ଷିକ ପରିଷଦର ସଂଯୋଜକ ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ଲେଫ୍ଟନାଣ୍ଟ ରଜନୀ କାନ୍ତ ତ୍ରିପାଠୀ, ଅମିୟ ରଞ୍ଜନ ପଣ୍ଡା, ହରିଷ ଭଟ୍ଟର, ସନାତନ ବେହେରା, ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ,ସ୍ମରଣିକା ପାଢ଼ୀ, ପ୍ରତିଧ୍ୱନି ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ନିଜ ବିଭାଗ ସମ୍ପର୍କରେ କହିଥିଲେ । ହିସାବ ତଦାରଖ ଅଧିକାରୀ ଅଧ୍ୟାପକ ସୁନିଲ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

### ଆଇନଜୀବୀଙ୍କୁ ବନ୍ଧୁକ ଦେଖାଇ ଧମକ ଅଭିଯୋଗ

**ବ୍ରହ୍ମପୁର,ଅଫିସ:** ବୈଦନାଥପୁର ଥାନା ଅନ୍ତର୍ଗତ ସିଦ୍ଧାର୍ଥନଗର ଛକଠାରେ ସୋମବାର ରାତିରେ କେହି ଦୁର୍ବୃତ୍ତ ଆଇନଜୀବୀ ଅମୀୟ କୁମାର ପଣ୍ଡାଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅମୀୟ କହିଛନ୍ତି ଯେ, ୪ଜଣ ଦର୍ବୃତ୍ତ ଏକ କାରରେ ତାଙ୍କ ପାଖକୁ ଆସି ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ଅମୀୟ ଗୋପାଳପୁର ପୋର୍ଟ ବିସ୍ଥାପିତଙ୍କ ପାଇଁ ଲଢୁଥିବାରୁ ସେଥିରୁ ଓହରି ଯିବା ପାଇଁ ଧମକ ଦେବା ସହ ଚାପୁଡ଼ା ମାରିଥିଲେ। ପରେ ତାଙ୍କ ବେକରୁ ଏକ ସୁନା ଚେନ ଛିଣ୍ଡାଇ ନେଇ ସେହି କାର୍‌ରେ ଚାଲିଯାଇଥିଲେ। ଏ ନେଇ ଅମୀୟ ଥାନାରେ ଅଭିଯୋଗ କରିଛନ୍ତି।

## ଆଜି କ'ଣ କେଉଁଠି

**ଭଞ୍ଜନଗର**
- ଆର୍ଯ୍ୟ କୃଷକ ତାଲିମ ଶିବିର। ସ୍ଥାନ–କୃଷି ବିଜ୍ଞାନ କେନ୍ଦ୍ର,ସମୟ–ପୂର୍ବାହ୍ନ ସାଢେ ୧୦ଟା।

**ଫୁଲବାଣୀ**
- କୁଇ ସମାଜ ସେବା ସମିତିର ପ୍ରତିଷ୍ଠା ଦିବସ। ସ୍ଥାନ–କରୋନେଶନ ପଡିଆ, ସମୟ–ଅପରାହ୍ନ ୧ଟା।

# ଶୀତଳାପଲ୍ଲୀରେ ଦ୍ୱିତୀୟ ସେପ୍ଟେଜ ବିଶୋଧନ ପ୍ରକଳ୍ପର ଶୁଭାରମ୍ଭ

ବ୍ରହ୍ମପୁର ଅଫିସ,୨୮।୧୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୀତଳାପଲ୍ଲୀଠାରେ ଦ୍ୱିତୀୟ ସେପ୍ଟେଜ ବିଶୋଧନ ପ୍ରକଳ୍ପ ସୋମବାର ଶୁଭାରମ୍ଭ ହୋଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବିଏମ୍‌ସି କମିଶନର ଜେ.ସୋନାଲ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତି ୱାସନ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଶ କୁଲକର୍ଣ୍ଣି ଉପସ୍ଥିତ ଥିଲେ। ବିଏମସି ପକ୍ଷରୁ ୩ ଏକର ଜାଗାରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ପ୍ରାୟ ୩ କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ଏହି ଦ୍ୱିତୀୟ ପ୍ରକଳ୍ପ। ଏହି ପ୍ରକଳ୍ପକୁ ରାଜ୍ୟ ଜଳ ଯୋଗାଣ ଓ ପରିମଳ ପରିଷଦ ପକ୍ଷରୁ ନିର୍ମାଣ କରାଯାଇଛି। ଏଥିନିମନ୍ତେ ଭୁବନେଶ୍ୱର ସ୍ଥିତ ପିଏମ୍‌ସି ନାମକ ଏକ ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ ଦିଆଯାଇଥିଲା। ଏହା ୬୦ ହଜାର ଲିଟର କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ପ୍ରାୟ ୧ ମାସ ଧରି ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହେବ ବୋଲି କମିଶନର ସୂଚନା ଦେଇଛନ୍ତି। ଏହାର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେବା ପରେ ଏହା ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି। ସହରର ସମେତ ଆଖପାଖ ଅଞ୍ଚଳର ଆବର୍ଜନା ସଂଗ୍ରହ କରାଯାଇ ଏହି ପ୍ରକଳ୍ପକୁ ବିଶୋଧନ ନିମନ୍ତେ ପଠାଯିବ। ବିଶୋଧନ ପରେ ଆବର୍ଜନାକୁ ଖତ ନିମନ୍ତେ ବ୍ୟବହାର ଉପଯୋଗୀ ହୋଇପାରିବ ବୋଲି କମିଶନର କହିଛନ୍ତି। ପ୍ରକାଶଯେ, ମହୁଡାଠାରେ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ବିଶୋଧନ ପ୍ରକଳ୍ପ ରହିଛି। ଶୀତଳାପଲ୍ଲୀଠାରେ ବିଏମ୍‌ସିର ଏହା ଦ୍ୱିତୀୟ ବିଶୋଧନ ପ୍ରକଳ୍ପ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ବିନୋଦ ବେହେରା, ଆଶୀର୍ବାଦ ପରିଡା, ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପାଢୀ, କର୍ପୋରେଟର ଦୁର୍ଗା କୁମାର ଲାୟକ, ପ୍ରଦୀପ ଶତପଥୀ, ସମୀର ମିଶ୍ର, ଅଶ୍ୱିନୀ ପଟ୍ଟନାୟକ. ଡି. କରୁଣାକରଙ୍କ ସମେତ ବିଏମସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଲୁଗା ବାନ୍ଧି ଯୁବତୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୮।୧୧:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅରବିନ୍ଦନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ଜଣେ ଯୁବତୀ ସୋମବାର ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସଠାରୁ ସୂଚନା ମିଳିଛି। ମୃତା ଯୁବତୀ ହେଲେ ରୋଜାଲିନ୍ ସାହୁ(୧୯)। ପୋଲିସ ମୃତଦେହ ଜବତ କରି ନଂ. ୬୫୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡୁ ନ ଥିବା ବେଳେ କୌଣସି ଏକ ମାନସିକ ଅଶାନ୍ତିରୁ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ଘଟଣାର ତଦନ୍ତ ଏବେ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ରୋଜାଲିନ୍‌ଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, କବିସୂର୍ଯ୍ୟନଗରର ଭାରତୀ ସାହୁ ଓ ତାଙ୍କ ଝିଅ ରୋଜାଲିନ୍ ବ୍ରହ୍ମପୁର ଅରବିନ୍ଦନଗରରେ ଜଣେ ଡାକ୍ତରଙ୍କ ଘରେ ରହୁଥିଲେ। ମା' ଉକ୍ତ ଡାକ୍ତରଙ୍କ ଘରେ ଏବଂ ରୋଜାଲିନ୍ ଅନ୍ନପୂର୍ଣ୍ଣା ମାର୍କେଟରେ ଥିବା ଏକ ଲୁଗା ଦୋକାନରେ କାମ କରୁଥିଲେ। ରବିବାର ଭାରତୀ କୌଣସି କାମରେ ପାତ୍ରପୁରରେ ରହୁଥିବା ତାଙ୍କ ଭାଇଙ୍କ ଘରକୁ ଯାଇଥିବା ବେଳେ ରୋଜାଲିନ୍ ଘରେ ଏକା ଥିଲେ। ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ରୋଜାଲିନ୍ ଘର କବାଟ ଖୋଲି ନ ଥିଲେ। ଫଳରେ ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ସେ ଭାରତୀଙ୍କୁ ଫୋନ୍ କରିଥିଲେ। ପରେ ଭାରତୀ ଅରବିନ୍ଦନଗରରେ ପହଞ୍ଚି ରୋଜାଲିନ୍‌ଙ୍କୁ କବାଟ ଖୋଲିବାକୁ କହିଥିଲେ। ହେଲେ ସେ କୌଣସି ଉତ୍ତର ନ ଦେବାରୁ ତାଙ୍କ ମା' ପୋଲିସକୁ ଖବର କରିଥିଲେ। ପୋଲିସ ଉପସ୍ଥିତିରେ କବାଟ ଭାଙ୍ଗି ଭାରତୀ ଘର ଭିତରକୁ ଯାଇଥିଲେ। ସେଠାରେ ରୋଜାଲିନ୍ ବେକରେ ଏକ ଲୁଗା ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ।

## ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଗଞ୍ଜାମରୁ ୪ ପ୍ରତିଯୋଗୀ

ବ୍ରହ୍ମପୁର ଅଫିସ,୨୮।୧୧

ଡ଼ିସେମ୍ବର ୨ରୁ ୪ ପର୍ଯ୍ୟନ୍ତ ଦିଲ୍ଲୀରେ ସର୍ବଭାରତୀୟ କନିଷ୍ଠ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ମନୋନୀତ ହୋଇଥିବା ରାଜ୍ୟ କରାଟେ ଦଳରେ ଗଞ୍ଜାମରୁ ୪ ପ୍ରତିଯୋଗୀ ଅଛନ୍ତି। ପ୍ରତିଯୋଗୀମାନେ ହେଲେ ସ୍ରିଧିସ ମହାପାତ୍ର, ମୁରଲୀ ସାହୁ, ଅନୁର୍ଦ୍ଧ ରାଉତ ଓ ଆରୟନ ରାଉତ। ପ୍ରତିଯୋଗୀମାନେ ବିଭିନ୍ନ ବର୍ଗରେ ଜାତୀୟସ୍ତରରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ନିମନ୍ତେ ସୁଯୋଗ ପାଇ ଉତ୍ସାହିତ ଅଛନ୍ତି। ଜାତୀୟସ୍ତରୀୟ କରାଟେ ପ୍ରତିଯୋଗୀତା ନିମନ୍ତେ ପ୍ରତିଯୋଗୀମାନେ ସୋମବାର ଅପରାହ୍ନରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ରାଜ୍ୟ ଦଳ ସହ ଦିଲ୍ଲୀ ଅଭିମୁଖେ ଗସ୍ତ କରିବେ। ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଗସ୍ତ ପୂର୍ବରୁ ଉତ୍କଳ କରାଟେ ସ୍କୁଲ ସଭାପତି ନାରାୟଣ ସାହୁ, ଉପସଭାପତି ରମେଶ ପାଢ଼ୀ, ସଚ୍ଚିଦାନନ୍ଦ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତା ନିମନ୍ତେ ମନୋନୀତ ପ୍ରତିଯୋଗୀ ।

## ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ୯୭ ଅଭିଯୋଗର ସମାଧାନ

ବ୍ରହ୍ମପୁର ଅଫିସ,୨୮।୧୧

ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଉପଖଣ୍ଡସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧକ୍ଷତା କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ୯୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୮୮ ବ୍ୟକ୍ତିଗତ ସମସ୍ୟା ଅଭିଯୋଗ, ୭ ଗ୍ରାମ ଭିତ୍ତିକ ରହିଥିଲା। ଏଥିସହ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ଜନ ଶୁଣାଣିରେ ବିଏମ୍‌ସି କମିଶନର ଜେ.ସୋନାଲ, ବ୍ରହ୍ମପୁର ଏସ୍‌ପି ଡ.ଶ୍ରବଣା ବିବେକ ଏମ୍, ମୁଖ୍ୟ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଭି.କୀର୍ତ୍ତି ୱାସନ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲା ଲେଖକ ସାମ୍ମୁଖ୍ୟର ଶୀତ ସାହିତ୍ୟ ଆସର



ଆସରରେ ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ।

ବ୍ରହ୍ମପୁର ଅଫିସ,୨୮।୧୧

ଗଞ୍ଜାମ ଜିଲା ଲେଖକ ସାମୁଖ୍ୟର ଶୀତ ସାହିତ୍ୟ ଆସର ଓ ସମାଜିକକର୍ମୀ ପୂର୍ଣ୍ଣ ଚନ୍ଦ ମିଶ୍ରଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ ଉତ୍କଳ ଆଶ୍ରମ ଭାଷା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ.ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଇ.ରାଜା ରାଓ ଓ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଅଧକ୍ଷ ଡ.ଲମ୍ବୋଦର ପାଣିଗ୍ରାହୀ, ସମ୍ମାନିତ ଅତିଥି ଡ.ବାୟାମନୁ ଚର୍ଚ୍ଚି, ଅବସରପ୍ରାପ୍ତ ଅଧକ୍ଷ ଡ.ହରିକୃଷ୍ଣ ନାୟକ ଓ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। କବିତା ପାଠୋତ୍ସବର ପ୍ରଥମ ଅଧିବେଶନରେ ସାମୁଖ୍ୟର ଉପସଭାପତି ଡ.ସରୋଜକାନ୍ତ ରଥ ସଭାପତିତ୍ୱ କରିଥିଲେ। ଅତିଥି ସ୍ୱର୍ଣ୍ଣପ୍ରଭା ପାଢୀ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଇଂରାଜୀ ପୁସ୍ତକ ଡ୍ରିମିଂ ବିହାଇଣ୍ଡ ସାଡୋ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉତ୍ସବରେ ଭିକାରୀ ଚରଣ ମହାପାତ୍ର, ଗୋପାଳ କୃଷ୍ଣ ପାଢୀ, ଭଗବାନ ତ୍ରିପାଠୀ, ସୁଦାମ ପାଣିଗ୍ରାହୀ, ନିତ୍ୟାନନ୍ଦ ପାଢୀ, ଡ.ପୁଷ୍ପାଞ୍ଜଳୀ ପଢାଳ ଓ ସୁଧାଞ୍ଜଳୀ ମିଶ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ଉପସ୍ଥିତ ଥିଲେ। ଲେଖକ ସାମୁଖ୍ୟ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ସ୍ୱାଗତ ଭାଷଣ ଦେଇଥିଲେ।

## ନୂଆପଡା ଅଞ୍ଚଳରେ ବ୍ୟାପିଲା ଲମ୍ପିଂ ଭାଇରସ୍

ଚିକିଟି,୨୮।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା, ଚାନ୍ଦପୁର, ବିଏସ୍‌ଏଲଏନ୍‌ପୁର ଓ ଡଭାର ସମେତ ବିଭିନ୍ନ ଗ୍ରାମରେ ଗତ କିଛି ଦିନ ହେଲା ଲମ୍ପିଂ ଭାଇରସ୍ ବ୍ୟାପିବାରେ ଲାଗିଛି। ଯଦ୍ୱାରା ଅଞ୍ଚଳର ଗୋରୁ ଚର୍ମବିଣ୍ଡି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗୋପାଳକଙ୍କ କହିବା ଅନୁସାରେ ପ୍ରଥମେ ଗୋରୁଙ୍କ ଦେହରେ ଫୁଲା ପଡି ତାହା ଘା ହୋଇ ରକ୍ତସ୍ରାବ ହେଉଛି। ଏନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ନୂଆପଡା ଗ୍ରାମରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଥିଲେ ସୁଦ୍ଧା ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ବାଧହୋଇ ବିଭିନ୍ନ ଜଡି ବୁଟି ଔଷଧ ଗୋରୁଙ୍କୁ ଦିଆଯାଉଥିବା କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗୋପାଳକଙ୍କ ପକ୍ଷରୁ ଦାବି ହେଉଛି।

## ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ୨ ଗିରଫ

**ବ୍ରହ୍ମପୁର ଅଫିସ,୨୮।୧୧:** ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆ ଯୋଗିଆପଲ୍ଲୀର ଜୀବନ ଦାସ(୨୪) ଓ ଲିଲୁ ନାୟକ(୧୯)। ପୋଲିସ ସେମାନଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଲୁହାଛଡ଼ ଓ ଠେଙ୍ଗା ଜବତ କରିଛି। ମାମଲା ନମ୍ବର ୫୬୩/୨୨ରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। କୋର୍ଟ ନିର୍ଦ୍ଦେଶରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ୨୨ ତାରିଖ ପୂର୍ବାହ୍ନରେ ଗୋପାଳପୁର ନିର୍ବାଚନମଣ୍ଡଳୀ ଅଧୀନ ଗୁରୁଣ୍ଡି ଗ୍ରାମରେ ଶାସକ ଦଳ ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଗୁରୁଣ୍ଡି କାଶୀ ବିଶ୍ୱନାଥ ମନ୍ଦିରରେ ଏକ ସାମୂହିକ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନରେ ଜୀବନ ଓ ତାଙ୍କ ସାଙ୍ଗ ଲିଲୁ ନାୟକ ସେଠାରେ ପହଞ୍ଚି ଖାଇବାକୁ ମାଗିଥିଲେ। ପୃଥ୍ୱୀ ନାୟକ ସେମାନଙ୍କୁ ଖାଇବା ସରିଯାଇଥିବା ନେଇ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଝଗଡ଼ା ହୋଇଥିଲା। ଶେଷରେ ଜୀବନ ଓ ସାଙ୍ଗ ଲିଲୁ ଉଭୟେ ମିଶି ପୃଥ୍ୱୀଙ୍କୁ ଲୁହାଛଡ଼ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୃଥ୍ୱୀଙ୍କ ଚିତ୍କାର ଶୁଣି ଗ୍ରାମର ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଜୀବନ ଓ ଲିଲୁ ସେଠାରେ ପୃଥ୍ୱୀଙ୍କୁ ଛାଡ଼ି ଦୌଡ଼ି ପଳାଇଥିଲେ। ପରେ ପୃଥ୍ୱୀ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

## ଚାମ୍ପିୟନ୍ ବାଳିକା ଦଳକୁ ସମ୍ବର୍ଦ୍ଧନା ଜଣାଇଲା ଜିଲା ହ୍ୟାଣ୍ଡବଲ ସଂଘ

ବ୍ରହ୍ମପୁର ଅଫିସ,୨୮।୧୧

ନଭେମ୍ବର ୨୬ ଓ ୨୭ରେ ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଂଜାମ ଜିଲା ବାଳିକା ହ୍ୟାଣ୍ଡବଲ ଟିମ୍ ଶେଷ ମ୍ୟାଚରେ କେନ୍ଦୁଝରର ଟିମ୍‌କୁ ପରାସ୍ତ କରି ରାଜ୍ୟସ୍ତରରେ ଚାମ୍ପିୟନ ହୋଇଛନ୍ତି। ବାଳିକା ଟିମ୍‌ର ଏହି ସଫଳତାରେ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସୋମବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଅପରାହ୍ନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ଦଳକୁ ପୁଷ୍ପଗୁଚ୍ଛ ଦିଆଯିବା ସହ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଜିଲା ହ୍ୟାଣ୍ଡବଲ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, ଉପସଭାପତି ଡ଼.ସରୋଜ କୁମାର ସାମନ୍ତ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ଜାତୀୟସ୍ତରୀୟ କୋଚ ପ୍ରଶାନ୍ତ କୁମାର ରଥ , ଜିଲା ଶାରୀରିକ ପରିଦର୍ଶକ ବୃନ୍ଦାବନ ବିଷୋୟୀ ପ୍ରମୁଖ ଉପସ୍ଥି ରହିଥିଲେ।


ବାଳିକା ହ୍ୟାଣ୍ଡବଲ ସଂଘ ସଦସ୍ୟ ଏବଂ ଚାମ୍ପିୟନ ବାଳିକା ଦଳ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସ୍ୱାତୀ


@ ଭଗବାନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାମନ୍ତରାୟ ଏକାଡେମୀ ଛାତ୍ରୀଛାତ୍ରଙ୍କ ସଫଳତା


ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର ଅଫିସ,୨୮।୧୧

ସାମନ୍ତରାୟ ଏକାଡେମୀ ଛାତ୍ରୀଛାତ୍ର ଓଡ଼ିଶା ପୋଲିସ ଏସ୍‌ଆଇ ଓ ଅର୍ଦ୍ଧସାମରିକ ବଳରେ ସଫଳତା ହାସଲ କରିଛନ୍ତି। ଏ ନେଇ ଏକାଡେମୀ ପକ୍ଷରୁ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ୨୦୧୮ରେ ପୋଲିସ ଏସ୍‌ଆଇ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାରେ ଏକାଡେମୀର ୬ ସଫଳ ହୋଇଛନ୍ତି। ସେହିଭଳି ଅର୍ଦ୍ଧ ସାମରିକ ବଳ (ବିଏସ୍‌ଏଫ୍, ସିଆରପିଏଫ୍, ସିଆଇଏସ୍‌ଏଫ୍, ଏସ୍‌ଏସ୍‌ବି, ଆଇଟିବିପି, ଆସାମ ରାଇଫଲ୍‌ସ) ପରୀକ୍ଷାରେ ୧୮ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏହି ଛାତ୍ରୀଛାତ୍ରମାନେ ଉପରୋକ୍ତ ୨ଟି ବିଭାଗରେ ଲିଖିତ, ଶାରୀରିକ ଓ ମେଡିକାଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସମ୍ବର୍ଦ୍ଧନା ସଭାରେ ଏକାଡେମୀ ପ୍ରତିଷ୍ଠାତା ଲଳିତ ମୋହନ ସାମନ୍ତରାୟ ଉପସ୍ଥିତ ରହି ମନୋନୀତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଆଜୀବନ କର୍ତ୍ତବ୍ୟ ପରାୟଣ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏକାଡେମୀ ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଛାତ୍ରୀଛାତ୍ରଙ୍କ ସଫଳତାକୁ ପ୍ରଶଂସା କରିବା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଅନେକ ପୁରୁଣା ଛାତ୍ର ଏବଂ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ-ଟ୍ରାକ୍ଟର ମୁହାଁମୁହିଁ ଧକ୍କା, ଡ୍ରାଇଭର ଗୁରୁତର

**ଚିକିଟି,୨୮।୧୧(ଡି.ଏନ.ଏ.):** କେ.ନୂଆଗାଁ ଥାନାଠାରୁ ୧ କି.ମି.ଦୂରରେ ଟ୍ରକ ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ଦିଗପହଣ୍ଡି ପଟୁ ଚିକିଟି ଅଭିମୁଖେ ଧାନ ବୋଝେଇ ଟ୍ରକ (ନଂ ଓଡି ୦୭ଏଚ୍‌୫୫୪୪) ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦୁଇଟି ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହେବା ଫଳରେ ଟ୍ରକ ଡ୍ରାଇଭର ଗୁରୁତର ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରକ ଡ୍ରାଇଭର ସମେତ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲ ନିଆଯାଇଥିଲା।

## ଦୁଇ ସମବାୟ ସଂସ୍ଥା ଉପସଭାପତି ମହିଳା

ବ୍ରହ୍ମପୁର ଅଫିସ,୨୮।୧୧

ଅବିଭକ୍ତ ଗଞ୍ଜାମ (ଗଜପତି ସହ) ଜିଲା ସମବାୟ ସଂଘ ଉପସଭାପତି ଭାବେ ଆସିକା ବ୍ଲକରୁ ନିର୍ବାଚିତ ମହିଳା ନିର୍ଦ୍ଦେଶକ ମଞ୍ଜୁଳା ବଡ଼େଇ ଅପ୍ରତିଦ୍ୱନ୍ଦ୍ୱି ନିର୍ବାଚିତ ହୋଇଛନ୍ତି। ଏହି ପଦ ପାଇଁ ନିର୍ବାଚନ ଅଧିକରୀଙ୍କ ପକ୍ଷରୁ ନଭେମ୍ବର ୨୮ରେ ନାମାଙ୍କନ ଏବଂ ଆବଶ୍ୟକ ସ୍ଥଳେ ପରଦିନ ଭୋଟ ଗ୍ରହଣ କରାଯିବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ମଞ୍ଜୁଳା ଏକମାତ୍ର ନାମାଙ୍କନ ଦାଖଲ କରିଥିବାରୁ ନିୟମାନୁସାରେ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱି ଉପସଭାପତି ଘୋଷଣା କରାଯାଇଥିଲା।

ସେହିପରି ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆରଏମ୍‌ସିଏସ୍)ର ଉପସଭାପତି ଭାବେ ମହିଳା ନିର୍ଦ୍ଦେଶକ ଜୟନ୍ତୀ ମାର୍ଥା ମଧ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପସଭାପତି ନିର୍ବାଚିତ ହୋଇଛନ୍ତି।

ସୂଚନାଯୋଗ୍ୟ, ଏହି ପଦ ପାଇଁ ୨୮ରେ ନାମାଙ୍କନ ଓ ପରଦିନ ଭୋଟ ଗ୍ରହଣ ହେବାର ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଜୟନ୍ତୀ ଏକମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିବା ଏବଂ ପ୍ରତିଦ୍ୱନ୍ଦ୍ୱି ନ ଥିବାରୁ ତାଙ୍କୁ ଉପସଭାପତି ଘୋଷଣା କରାଯାଇଛି। ସେ ରଙ୍ଗେଇଲୁଣ୍ଡା ବ୍ଲକରୁ ନିର୍ଦ୍ଦେଶିକା ଭାବେ ନିର୍ବାଚିତ ହୋଇଥିଲେ।

ଏହି ଦୁଇଟି କାର୍ଯ୍ୟକ୍ରମ ବେଳେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସମବାୟ ସଂଘ ସଭାପତି କୈଳାସ ରଣା ଓ ବିଆରଏମସିଏସ ସଭାପତି ସଚ୍ଚିଦାନନ୍ଦ ରାଜଗୁରୁ ଉପସ୍ଥିତ ଥିଲେ। ଉଭୟେ ବିଜେଡି ସମର୍ଥକ ହୋଇଥିବାରୁ ଘୋଷଣା ବେଳେ ଅନେକ ଦଳୀୟ କର୍ମୀ ଶୁଭେଚ୍ଛା ଜଣାଇଥିଲେ।

## ଜଳ ଯୋଗାଣ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ସ୍ମାରକପତ୍ର

ବ୍ରହ୍ମପୁର ଅଫିସ,୨୮।୧୧

ଜଳ ଯୋଗାଣ ବିଭାଗରେ ଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ସୋମବାର ଓଡ଼ିଶା ପାଇପ୍ ଜଳ ଯୋଗାଣ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ଇଞ୍ଜିନିୟରିଂ ସ୍କୁଲ ଛକଠାରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଯାଏ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି)ଙ୍କୁ ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ଜଳଯୋଗାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ୧୯୯୩ରୁ ଅସ୍ଥାୟୀ ଭାବେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଗତ କିଛିଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରାଯାଇଛି। କିନ୍ତୁ ଜଳ ଯୋଗାଣ ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ପ୍ରତି ଅଣଦେଖା କରାଯାଇଥିବା ସଂଘ ଅଭିଯୋଗ କରିଛି। ଏଣୁ ଏମାନଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ସଂଘ ଦାବି କରିଛି। ଏଥିସହ ଆସନ୍ତା ଡିସେମ୍ବର ୯ରେ ବିଧାନସଭା ଅଭିଯାନକୁ ସଫଳ କରିବା ନିମନ୍ତେ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଶୋଭାଯାତ୍ରାରେ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି କବିରାଜ ସାହୁ, ଉପସଭାପତି ଟୁନା ଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ନଗେନ କୁମାର ପାଢ଼ୀ, ବ୍ରହ୍ମପୁର ଡିଭିଜନ ସମ୍ପାଦକ ଅଶୋକ କୁମାର ଜେନା, ଶାଖା ସମ୍ପାଦକ ଅରକ୍ଷିତ ପ୍ରଧାନଙ୍କ ସମେତ ପ୍ରଦୀପ କୁମାର ସିଂ, ବି. ହରିକୃଷ୍ଣ ପାତ୍ର ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

